# Akashvani, Sambalpur

## SAMBALPURI NEWS EVENING BULLETIN

**18 June 2024- 7.02 pm- 7.12 pm.**

******************************************

୧- ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ପିଏମ୍ କିଷାନ୍ ସମ୍ମାନ୍ ନିଧି ଯୋଜ୍‌ନାଥି ହିତାଧିକାରୀମାନ୍‌କୁ ଦେଲେ ୧୭ ନମ୍ବର୍ କିସ୍ତି ।

- କହେଲେ ଦେଶର୍ ଚାଷୀମାନ୍‌କର୍ ଆୟ ବଢ଼ାବାର୍‌ଟା ତାଙ୍କର୍ ସର୍‌କାର୍‌ଙ୍କର୍ ପ୍ରାଥମିକତା ।

- ବର୍‌ଗଡ୍ ନ ହେଇଥିବା ପିଏମ୍ କିଷାନ୍ ଉତ୍ସବ୍ ଦିବସ୍‌ଥି ଯୋଗ୍ ଦେଲେ ମୁଖ୍ୟମନ୍ତ୍ରୀ ।

୨- ୧୭ ନମ୍ବର୍ ବିଧାନ୍‌ସଭାର ନୂଆଁକରି ନିର୍ବାଚିତ ହେଇଥିବା ସଦସ୍ୟମାନ୍‌କର୍ ଶପଥ୍ ଗ୍ରହଣ୍ ହେଲା ମୁଳ୍ ।

- ଆଏବା ଗୁରୁବାର୍ ଦିନ ହେବା ବାଚସ୍ପତି ନିର୍ବାଚନ୍ ।

୩- ସାମାଜିକ୍ ଗଣମାଧ୍ୟମ୍ 'ଏକ୍ସ' ଏକାଉଂଟ୍ ଖୁଲ୍‌ବେ ରାଜ୍ୟର୍ ସବୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ।

ଆଉର୍

୪- ରାଜ୍ୟର୍ ୩ ଟା ଜିଲ୍ଲା ନ ଡିପ୍‌ଥେରିଆ ସଂକ୍ରମଣ୍‌ଥି ଯାଇଛେ ୫ ଝନ୍‌କର୍ ଜୀବନ୍ ।

ପିଏମ୍ କିଷାନ୍ ସମ୍ମାନ୍ ନିଧି ଯୋଜ୍‌ନା ଆର୍‌ଏନ୍‌ୟୁ ସମ୍ବଲପୁର

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏଜ୍ ପିଏମ୍ କିଷାନ୍ ସମ୍ମାନ୍ ନିଧି ଯୋଜ୍‌ନାର ହିତାଧିକାରୀମାନ୍‌କୁ ୧୭ ନମ୍ବର୍ କିସ୍ତି ଦେଇଛନ୍ । ଉତର୍‌ପ୍ରଦେଶ୍‌ର ବାରାଣାସୀ ଠାନେ ହେଇଥିବା ଗୁଟେ ସ୍ୱତନ୍ତ୍ର ସମାରୋହଥି ଶ୍ରୀ ମୋଦୀ ଡିବିଟି ଜରିଏ ୯ କୋଟି ୨୬ ଲାଖ୍ ନୁ ଅଏତ୍‌କା ହିତାଧିକାରୀମାନ୍‌କର୍ ଏକାଉଂଟ୍‌କେ ପାଖାପାଖି ୨୦ ହଜାର୍ କୋଟି ଟଙ୍କା ଦେଇଛନ୍ । ଇ ସମାରୋହଥି ଦେଶର୍ ୩୦ ହଜାର୍‌ନୁ ଅଏତ୍‌କା ସ୍ୱୟଂସହାୟକ ଗୋଷ୍ଠୀର୍ ସଦସ୍ୟମାନ୍‌କୁ ଭିଲ୍ କୃଷି ସଖୀ ଭାବେ ପ୍ରମାଣ୍‌ପତ୍ର ଦିଆଯାଇଛେ । ଇ ଅବ୍‌ସରେ ପ୍ରଧାନ୍‌ମନ୍ତ୍ରୀ ଶ୍ରୀ ମୋଦୀ କହିଛନ୍ ଯେ, ଭାରତ୍‌କେ ପୁର୍‌ଥିର୍ ୩ ନମ୍ବର୍ ବଡ଼ ଅର୍ଥନୀତିଥି ପରିଣତ୍ କର୍‌ବାର୍‌କେ କୃଷି ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବା । ଦେଶର୍ କୃଷକଙ୍କର୍ ଆୟ ବଢ଼ାବାର୍, ତାଙ୍କର୍ ସର୍‌କାର୍‌ଙ୍କର୍ ପ୍ରାଥମିକତା ବଲି ପ୍ରଧାନ୍‌ମନ୍ତ୍ରୀ କହିଛନ୍ । ଦେଶର୍ ଚାଷୀମାନ୍‌କର୍ ଆୟ ବଢ଼ାବାର୍ ଲାଗି ତାଙ୍କର୍ ସର୍‌କାର୍ ନେଇଥିବା ପଦକ୍ଷେପ୍ ବାବ୍‌ଦେ ଶ୍ରୀ ମୋଦୀ କହିଛନ୍ ଯେ, ପୂର୍ବାଂଚଲ୍ ଇଲାକା ନ ଯୋଗାଯୋଗ ବଢ଼୍‌ବାର୍‌ନୁ ବିକାଶ୍‌ର ନୂଆଁ ରାସ୍ତା ଖୁଲ୍‌ବାର୍‌କେ ଯାଉଛେ । ଖାଲି ବିକଶିତ ଭାରତ୍ ସଂକଳ୍ପ ଯାତ୍ରା ଜରିଏ ପିଏମ୍

କିଷାନ୍ ଯୋଜ୍ନାଥି ୧ କୋଟିନୁ ଅଏତ୍କା ଚାଷୀ ଜୁଡ଼ି ହେଇଛନ୍ ବଲି ପ୍ରଧାନ୍‌ମନ୍ତ୍ରୀ କହିଛନ୍ ।

ସେନ୍ତା ତାଙ୍କର୍ ସର୍କାର୍‌ଙ୍କର୍ ପ୍ରାଥମିକତା ଉପ୍‌ରେ ଆଲୋକପାତ କରିକରି ପ୍ରଧାନ୍‌ମନ୍ତ୍ରୀ କହିଛନ୍ ଯେ, ଗରିବ୍ ଲୁକ୍‌କର୍ ଲାଗି ଘର୍ ଆର୍ ଚାଷୀମାନ୍‌କର୍ ଉନ୍ନତିକେ ଧ୍ୟାନ୍ ଦେଇକରି ପ୍ରଧାନ୍‌ମନ୍ତ୍ରୀ ଭାବେ ତାଙ୍କର୍ ତୃତୀୟ ଇନିଂସ୍ ମୁଲ୍ କରିଛନ୍ । ସେ କହିଛନ୍ ଯେ,

(ଭଏସ୍ ଓଭର୍-ପ୍ରଧାନ୍‌ମନ୍ତ୍ରୀ)

ଇ ସମାରୋହଥି ଭିନ୍ ଭିନ୍ ରାଜ୍ୟର୍ ମୁଖ୍ୟମନ୍ତ୍ରୀ ଆର୍ ମନ୍ତ୍ରୀମାନେ ଭିଡ଼ିଓ କନ୍‌ଫରେନ୍ସିଂ ଜରିଏ ସାମିଲ୍ ହେଇଥିଲେ । ସେନ୍ତା କେନ୍ଦ୍ର କୃଷିମନ୍ତ୍ରୀ ଶିବରାଜ୍ ସିଂ ଚୌହାନ୍ ଆର୍ ଉତର୍‌ପ୍ରଦେଶ୍ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟ ନାଥ ଆର୍ ଅଲ୍‌ଗା ଅତିଥି ମାନେ ଉପସ୍ଥିତ୍ ଥିଲେ ।

ଇନ ଜନେଇ ଦିଆଯାଇପାରେ ଯେ, ପିଏମ୍ କିଷାନ୍ ସମ୍ମାନ୍ ନିଧି ଯୋଜ୍ନାଥି ହିତାଧିକାରୀମାନ୍‌କୁ ବଛର୍‌କ ୩ ଟା ଖେପେ ୬ ହଜାର୍ ଟଙ୍କା ଦିଆଯାଉଛେ ।

ପିଏମ୍ କିଷାନ୍- ରାଜ୍ୟ ବର୍‌ଗଡ଼୍/ କଲାହାଣ୍ଡି ସମ୍ବାଦଦାତା

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ପିଏମ୍ କିଷାନ୍ ସମ୍ମାନ୍ ନିଧି ଯୋଜ୍‌ନାର୍ ୧୭ ନମ୍ବର୍ କିସ୍ତି ଚାଷୀମାନ୍‌କର୍ ଏକାଊଂଟ୍‌କେ ଦେବାର୍ ଅବ୍‌ସରେ ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ପିଏମ୍ କିଷାନ୍ ଉତ୍ସବ୍ ଦିବସ୍ ପାଲିତ୍ ହେଇଛେ । ବର୍‌ଗଡ୍ ଜର୍ଜ ହାଇସ୍କୁଲ୍ ପଡ଼ିଆ ନ ହେଇଥିବା ଉତ୍ସବ୍‌ଥି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଯୋଗ୍ ଦେଇଥିଲେ । ବର୍‌ଗଡ୍ ଜିଲ୍ଲା ନ ୧ ଲାଖ୍ ୨୯ ହଜାର୍ ଚାଷୀ ଇ ଯୋଜ୍‌ନାଥି ୧୭ ନମ୍ବର୍ କିସ୍ତି ପାଇଛନ୍ । ଇ କାର୍ଯ୍ୟକ୍ରମ୍‌ଥି ମୁଖ୍ୟମନ୍ତ୍ରୀଙ୍କର୍ ସହେତେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ୍ ସିଂହଦେଓ, ବର୍‌ଗଡ୍ ସାଂସଦ୍ ପ୍ରଦୀପ୍ ପୁରୋହିତ, ବର୍‌ଗଡ୍ ବିଧାୟକ୍ ଅଶ୍ୱିନୀ ଷଡ଼ଙ୍ଗୀ, ଭଟଲି ବିଧାୟକ୍ ଇରାସିସ୍ ଆଚାର୍ଯ୍ୟ, ଅତାବିରା ବିଧାୟକ୍ ନିହାର୍ ମହାନନ୍ଦ, ବିଜେପୁର୍ ବିଧାୟକ୍ ସନତ୍ କୁମାର୍ ଗଡ଼ତିଆ ଉପସ୍ଥିତ୍ ଥିଲେ । ସେନ୍ତା କଲାହାଣ୍ଡି ଜିଲ୍ଲା ଭବାନୀପାଟ୍‌ନାର୍ ଜିଲ୍ଲା ପରିଷଦ୍ ସମ୍ମିଳନୀ କକ୍ଷ ନ ହେଇଥିବା ପିଏମ୍ କିଷାନ୍ ଉତ୍ସବ୍ ଦିବସ୍ କାର୍ଯ୍ୟକ୍ରମ୍‌ଥି ମୁଖ୍ୟ ଅତିଥି ଭାବେ କଲାହାଣ୍ଡି ସାଂସଦ୍ ମାଳବିକା ଦେବୀଙ୍କର୍ ସହେତେ ଜିଲ୍ଲାପାଳ୍ ଆର୍ ଅଲ୍‌ଗା ଅଧିକାରୀମାନେ ଉପସ୍ଥିତ୍ ଥିଲେ । ଜିଲ୍ଲା ନ ୧ ଲାଖ୍ ୨୨ ହଜାର୍ ଚାଷୀ ଇ ଯୋଜ୍‌ନାଥି ୧୭ ନମ୍ବର୍ କିସ୍ତି ପାଇଛନ୍ । ସେଆଡ଼େ ରାଜ୍ୟର୍ ଅଲ୍‌ଗା ଜିଲ୍ଲାମାନ୍‌କେ ହେଇଥିବା କାର୍ଯ୍ୟକ୍ରମ୍‌ଥି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଆର୍ ଅଲ୍‌ଗା ମନ୍ତ୍ରୀମାନେ ଯୋଗ୍ ଦେଇଥିଲେ ।

ପ୍ରଧାନ୍‌ମନ୍ତ୍ରୀ- ଯୋଗ ସଚେତନତା        ଆର୍‌ଏନ୍‌ୟୁ/ କଟକ୍

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଯୋଗ ଆଉ ମିଲେଟ୍‌ସ୍ ବିଷେ ସଚେତନତା ସୃଷ୍ଟି କରିକରି ଗୁଟେ ସୁସ୍ଥ ସମାଜ୍ ଗଠନ୍ କର୍‌ବାର୍ ଲାଗି ନେତୃତ୍ୱ ନେବାର୍‌କେ ଗ୍ରାମପଂଚାୟତ୍ ମୁଖ୍ୟମାନ୍‌କୁ ଆହ୍ୱାନ୍ ଦେଇଛନ୍ । ଗ୍ରାମ୍‌ପ୍ରଧାନ୍‌ମାନ୍‌କୁ ଚିଠି ଲେଖିକରି ପ୍ରଧାନ୍‌ମନ୍ତ୍ରୀ ପଂଚାୟତ୍ ପରିସର, ବିଦ୍ୟାଳୟ, ଅଙ୍ଗନବାଡ଼ି, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଆଉ ଅଲ୍‌ଗା ଜାଗା ମାନ୍‌କେ ଯୋଗଭିତିକ କାର୍ଯ୍ୟକ୍ରମ୍ ଆୟୋଜନ୍ କର୍‌ବାର୍ ଲାଗି ପରାମର୍ଶ ଦେଇଛନ୍ । ସେ କହିଛନ୍ ଯେ, ଇଥିର୍‌ଲାଗି ଲୋକ୍‌ମାନେ ଖାସ୍ କରି ଯୁବ ବର୍ଗ ସ୍ଥାୟୀ ଆଉ ଚାପମୁକ୍ତ ଜୀବନ୍‌ଶୈଳୀ ଅନୁସରଣ୍ କର୍‌ବାର୍‌କେ ପ୍ରେରିତ୍ ହେବେ ।

ବିଧାନ୍‌ସଭା ଅଧିବେଶନ୍       ଆର୍‌ଏନ୍‌ୟୁ/ କଟକ୍

୧୭ ନମ୍ବର୍ ବିଧାନ୍‌ସଭାର୍ ନୂଆଁକରି ନିର୍ବାଚିତ୍ ହେଇଥିବା ସଦସ୍ୟମାନ୍‌କର୍ ଶପଥ୍ ଗ୍ରହଣ୍ ଆଏଜ୍ ମୁଲ୍ ହେଇଛେ । ଆଏବା କାଏଲ୍ ଭିଲ୍ ହେବାର୍‌କେ ଥିବା ଇ କାର୍ଯ୍ୟକ୍ରମ୍‌ଥି କାମଚଲା ବାଚସ୍ପତି ରଣେନ୍ଦ୍ର ପ୍ରତାପ୍ ସ୍ୱାଇଁ ସଦସ୍ୟମାନ୍‌କୁ ଶପଥ୍ ପାଠ୍ କରାବେ । ପହେଲା ଆଏଜ୍ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଶପଥ୍ ନେବାର୍ ଉତ୍‌ରୁ ଦୁହି ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍

ସିଂହଦେଓ ଆର୍ ପ୍ରଭାତୀ ପରିଡ଼ା ଶପଥ୍ ନେଇଥିଲେ । ସେନ୍ତା ରାଜ୍ୟମନ୍ତ୍ରୀମଣ୍ଡଲ୍‌ର ସଦସ୍ୟ ରବି ନାଏକ୍, ସୂର୍ଯ୍ୟବଂଶୀ ସୂରଜ୍, ସୁରେଶ୍ ପୂଜାରୀ, ପୃଥ୍ୱୀରାଜ୍ ହରିଚନ୍ଦନ୍, ମୁକେଶ୍ ମହାଲିଙ୍ଗ୍‌ଙ୍କର୍ ସହେତେ ଶାସକ୍ ବିଜେପି ଦଲର୍ ବହୁତ୍ ସଦସ୍ୟ, ଆଘର୍ ମୁଖ୍ୟମନ୍ତ୍ରୀ ନବୀନ୍ ପଟ୍ଟନାୟକ୍, କଂଗ୍ରେସ୍‌ର ତାରାପ୍ରସାଦ୍ ବାହିନୀପତି ପ୍ରମୁଖ ଶପଥ୍ ନେଇଛନ୍ । ଆଏବାକାଏଲ୍ ଉପର୍‌ବେଲା ୫ ବଜେତକ୍ ଇ ଶପଥ୍ ଗ୍ରହଣ୍ ସମାରୋହ ହେବା ।

୩ ଦିନ୍ ଧରିକରି ହେବାର୍‌କେ ଥିବା ବିଧାନ୍‌ସଭାର୍ ଇ ସ୍ୱତନ୍ତ୍ର ଅଧିବେଶନ୍‌ଥି ଆଏବା ଗୁରୁବାର୍ ୨୦ ତାରିଖ୍ ଦିନ ବାଚସ୍ପତି ନିର୍ବାଚନ୍ ପ୍ରକ୍ରିୟା ହେବା । ଆଏବା କାଏଲ୍ ମଏଧାନର୍ ୧୨ ବଜେତକ୍ ବାଚସ୍ପତି ପଦ ଲାଗି ନାମାଙ୍କନ ପତ୍ର ଦାଖଲ୍ ସମୟସୀମା ଧାରିଜ୍ କରାଯାଇଛେ ।

ସାମାଜିକ ଗଣମାଧ୍ୟମ୍-ସ୍ୱାସ୍ଥ୍ୟସେବା ଆର୍‌ଏନ୍‌ୟୁ/ ସମ୍ବଲପୁର

ସାମାଜିକ ଗଣମାଧ୍ୟମ୍ ଜରିଏ ସ୍ୱାସ୍ଥ୍ୟସେବାକେ ବର୍‌କସ୍ କର୍‌ବାର୍ ଲାଗି ରାଜ୍ୟ ସ୍ୱାସ୍ଥ୍ୟ ଆଉ ପରିବାର୍ କଲ୍ୟାଣ୍ ବିଭାଗ୍ ନିଷ୍ପତି ନେଇଛେ । ଇଥିର୍‌ଲାଗି ସାମାଜିକ୍ ଗଣମାଧ୍ୟମ୍ ‘ଏକ୍ସ’ ଏକାଉଂଟ୍ ଖୁଲ୍‌ବାର୍‌କେ ସବୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଆଉ ପ୍ରାଥମିକ

ସ୍ୱାସ୍ଥ୍ୟକେନ୍ଦ୍ର ମାନ୍‌କୁ ବିଭାଗ୍ ତରଫ଼ୁ ନିର୍ଦ୍ଦେଶ୍ ଦିଆଯାଇଛେ । ଇ ଏକାଉଂଟ୍ ଜରିଏ ଯେନ୍ ଅଭିଯୋଗ୍ ଆସ୍‌ବା, ତାର୍ ତୁର୍‌ତି ସମାଧାନ୍ ଉପ୍‌ରେ ହାସ୍‌ପାତାଲ୍ କର୍ତୃପକ୍ଷ ଧ୍ୟାନ୍ ଦେବେ । ଆଏବା ୩ଟା କାର୍ଯ୍ୟଦିବସ୍ ଭିତ୍‌ରେ ଇ ସାମାଜିକ୍ ଗଣମାଧ୍ୟମ୍ ଏକାଉଂଟ୍ ଖୁଲ୍‌ବାର୍ ବାବ୍‌ଦେ ସବୁ ସୂଚ୍‌ନା ବିଭାଗ୍‌କେ ପଠାବାର୍ ଲାଗି କୁହାଯାଇଛେ । ଇନ ଜନେଇ ଦିଆଯାଇପାରେ ଯେ, ସ୍ୱାସ୍ଥ୍ୟମନ୍ତ୍ରୀ ଭାବେ ମୁକେଶ୍ ମହାଲିଙ୍ଗ୍ ଦାୟିତ୍ୱ ନେବାର୍ ଉତ୍‌ରୁ ବିଭାଗ୍‌ର ଭିନ୍ ଭିନ୍ କାମ୍ ଉପ୍‌ରେ ସମୀକ୍ଷା କରିଥିଲେ । ଇତାର୍ ଉତ୍‌ରୁ ସାମାଜିକ ଗଣମାଧ୍ୟମ୍ ଏକ୍ସଥି ସବୁ ଜିଲ୍ଲା ମେଡ଼ିକାଲ୍‌ର ଏକାଉଂଟ୍ ଖୁଲ୍‌ବାର୍ ଲାଗି ନିଷ୍ପତି ନିଆଯାଇଥିଲା ।

ଡିପ୍‌ଥେରିଆ ସଂକ୍ରମଣ ଆର୍‌ଏନ୍‌ୟୁ/ କଟକ୍

ରାଜ୍ୟର୍ ୩ ଟା ଜିଲ୍ଲା ନ ୨୧ ଝନ୍ ଡିପ୍‌ଥେରିଆ ରୋଗୀ ଚିହ୍ନଟ୍ ହେଇଥିବାର୍ ଜନାପଡ଼ିଛେ । ଇ ଜିଲ୍ଲାମାନେ ହେଲା କଲାହାଣ୍ଡି, ରାୟଗଡ଼ା ଆର୍ କୋରାପୁଟ୍ । ଜନସ୍ୱାସ୍ଥ୍ୟ ବିଭାଗ୍‌ର ନିର୍ଦ୍ଦେଶକ ନୀଳକଣ୍ଠ ମିଶ୍ରଙ୍କର୍ ସୂଚ୍‌ନା ଅନ୍‌ସାରେ ଇ ରୋଗ୍‌ଥି ଏଛେନ୍‌ତକ୍ ୫ ଝନ୍‌କର୍ ଜୀବନ୍ ଯାଇଛେ ଆଉ ଝନେ ଆକ୍ରାନ୍ତଙ୍କର୍ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର୍ ଥିବାର୍ ସେ କହିଛନ୍ ।

ରାୟଗଡ଼ାନୁ ୧୫ ଝନ୍ ଡିପ୍‌ଥେରିଆ ରୋଗୀ ଚିହ୍ନଟ୍ ହେଇଥିବାର୍ ବେଲେ କୋରାପୁଟ୍‌ର ବନ୍ଦୁଗାଁନୁ ଝନେ ଆର୍ କଲାହାଣ୍ଡିନୁ ୫ ଝନ୍ ରୋଗୀ ଚିହ୍ନଟ୍ ହେଇଛନ୍ ବଲି ଡାକ୍ତର୍ ମିଶ୍ର କହିଛନ୍ । ସେ କହିଛନ୍...

(ଭଏସ୍ ଓଭର୍- ନୀଲକଣ୍ଠ ମିଶ୍ର)

ପବନ୍‌ଥି ସଂକ୍ରମିତ୍ ହେଉଥିବା ଇ ରୋଗ୍‌ର ମୁକାବିଲା କର୍‌ବାର୍ ଲାଗି ପ୍ରଭାବିତ୍ ଅଂଚଲ୍‌ର ଲୋକ୍‌ମାନେ ମାସ୍କ ପିନ୍ଧ୍‌ବାର୍ ସହେତେ ହାତ୍ ଧୁଇବାର୍ ବାଗିର୍ ନିୟମ୍ ପାଲନ୍ କର୍‌ବାର୍ ଲାଗି ପରାମର୍ଶ ଦିଆଯାଇଛେ ।

ମନ୍ କି ବାତ୍          ଆର୍‌ଏନ୍‌ୟୁ/ କଟକ୍

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା ୩୦ ତାରିଖ୍ ରଏବାର୍ ଦିନ ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍‌ବାସୀଙ୍କୁ ସମ୍ବୋଧନ୍ କର୍‌ବେ । ଇଟା ତାଙ୍କର୍ ଶହେ ୧୧ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା । ଇଥିର୍‌ଲାଗି ନରେନ୍ଦ୍ର ମୋଦୀ ଆପ୍ କି ମାଇ ଗଭ୍ ଓପନ୍ ଫୋରମ୍‌ଥି ପ୍ରଧାନ୍‌ମନ୍ତ୍ରୀ ଲୁକ୍‌କର୍ ଠାନୁ ଆଏବା ୨୮ ତାରିଖ୍‌ତକ୍ ମତାମତ୍ ଆହ୍ୱାନ୍ କରିଛନ୍ । ଇତାର୍‌ଛଡ଼ା ମାହାଲିଆ ଫୋନ୍ ନମ୍ବର୍ ୧୮୦୦-୧୧-୭୮୦୦ କେ ଡାଏଲ୍ କରିକରି ସେମାନେ ସେମାନ୍‌କର୍ ସନ୍ଦେଶ୍ ହିନ୍ଦୀ କି

ଇଂରାଜୀଥି ରେକର୍ଡ଼ କରେଇପାର୍‌ବେ । ଇ କାର୍ଯ୍ୟକ୍ରମ୍ ଆକାଶ୍‌ବାଣୀ ଆଉ ଦୂର୍‌ଦର୍ଶନ୍ ଜରିଏ ଆର୍ ଏଆଇଆର୍ ନ୍ୟୁଜ୍ ୱେବ୍‌ସାଇଟ୍ 'ନ୍ୟୁଜ୍ ଅନ୍ ଏଆଇଆର୍' ମୋବାଇଲ୍ ଆପ୍‌ଥି ପ୍ରସାରଣ୍ କରାଯିବା । ଏଆଇଆର୍ ନ୍ୟୁଜ୍, ଡିଡି ନ୍ୟୁଜ୍ ଆର୍ ପିଏମ୍‌ଓ ଅଫିସ୍‌ର ୟୁ-ଟ୍ୟୁବ୍ ଚେନାଲ୍‌ଥି ଭିଲ୍ ଶୁନାଯାଇପାର୍‌ବା । ପ୍ରଧାନ୍‌ମନ୍ତ୍ରୀଙ୍କର୍ ହିନ୍ଦୀ ଅଭିଭାଷଣ୍ ଉତ୍‌ରୁ ଆଂଚଲିକ୍ ଭାଷଥି ଇତାର୍ ପ୍ରସାରଣ୍ କରାଯିବା ।

ବିଶ୍ୱ ସିକିଲ୍‌ସେଲ୍ ସଚେତନତା ଦିବସ    ବଲାଙ୍ଗିର୍ ସମ୍ବାଦଦାତା

ବଲାଙ୍ଗିର୍ ଜିଲ୍ଲା ନ ବିଶ୍ୱ ସିକିଲ୍‌ସେଲ୍ ସଚେତନତା ଦିବସ ଆଏଜ୍‌ଠାନୁ ମୁଲ୍ ହେଇକରି ଜୁଲାଇ ୩ ତାରିଖ୍ ତକ୍ ଚାଲ୍‌ବା । ଇ ସଚେତନତା ଦିବସ୍ ପାଲନ୍ କର୍‌ବାର୍ ଲାଗି ଆଏଜ୍ ଜିଲ୍ଲା ପ୍ରଶାସନ୍ ଆଉ ଜିଲ୍ଲା ସାମାଜିକ୍ କଲ୍ୟାଣ୍ ବିଭାଗ୍ ତର୍‌ଫୁ ଗୁଟେ ବୈଠକ୍ ହେଇଯାଇଛେ । ଇ ବୈଠକ୍‌ଥି ଅତିରିକ୍ତ ଜିଲ୍ଲାପାଲ୍ ଡକ୍ଟର୍ ବିଜୟାନନ୍ଦ ସେଠୀ ଅଧ୍ୟକ୍ଷତା କରିଥିଲେ । ଏଛେନ୍ ସିକିଲ୍‌ସେଲ୍ ରୋଗ୍ ଆର୍ ରୋଗୀ ବାବ୍‌ଦେ ଲୁକ୍‌କୁ ସଚେତନ୍ କରାଯାଇକରି ଇଟାକେ ଆଏତ୍ କର୍‌ବାର୍ ଲାଗି ପ୍ରଚାର୍ ପ୍ରସାର୍ ଉପ୍‌ରେ ଜୋର୍ ଦେବାର୍‌କେ ଶ୍ରୀ ସେଠୀ ବୈଠକ୍‌ଥି ସବୁ ଅଧିକାରୀଙ୍କୁ କହିଥିଲେ ।

ପାଣିପାଗ ଆର୍‌ଏନ୍‌ୟୁ/ସମ୍ବଲପୁର

ରାଏଜେ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଆଏବା ୨ନୁ ୩ ଦିନ୍ ଭିତ୍‌ରେ ସକ୍ରିୟ ହେବା । ହେଲେ ମୌସୁମୀ ଡେରୀଥି ପୁହୁଁଚିଥିବାର୍‌ନୁ ଆଏବା କାଏଲ୍‌ତକ୍ ଗରମ୍ ଆଉ ଗୁଲ୍‌ଗୁଲି ଲାଗି ରହେବା ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ଅନୁମାନ୍ କରିଛେ । ସେଆଡ଼େ ଆଏବାକାଏଲ୍ ସମ୍ବଲ୍‌ପୁର୍, ସୁନ୍ଦର୍‌ଗଡ଼୍, ବଲାଙ୍ଗିର୍, କଲାହାଣ୍ଡି, ବୌଦ୍ଧ, ନୂଆପଡ଼ା, ସୋନ୍‌ପୁର୍, ଝାର୍‌ସୁଗୁଡ଼ା ର ଗୁଟେ ଜୁଡ଼େ ଜାଗା ନ ଧୁକାଧନ୍ଦି ସହେତେ ବର୍ଷା ହେବା ବଲି ସୂଚ୍‌ନା ମିଲିଛେ । ଆଏଜ୍ ରାଜ୍ୟର୍ ସବୁଜୁ ଜହ ତାତି ନୂଆପଡ଼ା ନ ୪୩ ଡିଗ୍ରୀ ସେଲ୍‌ସିଅସ୍ ରେକର୍ଡ଼ କରାଯାଇଛେ ।